# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**9 November – 2024**

## ନୂଆ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ

ରାଜ୍ୟ ସରକାର ୧୫ଟି ନୂଆ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏକକ ବାତାୟନ କମିଟି ବୈଠକ ନିଷ୍ପତ୍ତି ଅନୁଯାୟୀ ୧୫ଟି ପ୍ରକଳ୍ପରେ ୩ହଜାର ୩୫୩ କୋଟି ଟଙ୍କା ବିନିଯୋଗ କରାଯିବ । ପ୍ରସ୍ତାବିତ ପ୍ରକଳ୍ପ ଗୁଡ଼ିକରେ ପ୍ରାୟ ୪ହଜାର ୬୩୭ଜଣ ନିଯୁକ୍ତି ପାଇବେ ବୋଲି ଜଣାପଡିଛି । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ନୂଆ ପ୍ରକଳ୍ପ ଗୁଡ଼ିକ କୋରାପୁଟ, ଖୋର୍ଦ୍ଧା, ବରଗଡ, ପୁରୀ, କଟକ ଏବଂ ଝାରସୁଗୁଡା ସମେତ ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକାରୀ ହେବ ।

## ମୁଖ୍ୟମନ୍ତ୍ରୀ–ବିଦ୍ୟୁତ୍ ଚାହିଦା

୨୦୨୯-୩୦ ସୁଦ୍ଧା ବିଦ୍ୟୁତ୍ ଚାହିଦାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ଏବେ ରାଜ୍ୟରେ ୧ କୋଟି ବିଦ୍ୟୁତ୍ ଉପଭୋକ୍ତା ଥିବାବେଳେ ସେମାନଙ୍କ ପାଇଁ ନୀରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରିବା ନିମନ୍ତେ ବିଦ୍ୟୁତ୍

ଉତ୍ପାଦନ, ସରବରାହ ଏବଂ ବିତରଣ ବ୍ୟବସ୍ଥା ନେଇ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯିବ । ଲୋକସେବା ଭବନରେ ଆୟୋଜିତ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ବଳକା ଶକ୍ତି ସମ୍ପନ୍ନ ରାଜ୍ୟ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

## ବରିଷ୍ଠ ନାଗରିକ ନୀତି

ରାଜ୍ୟ ବରିଷ୍ଠ ନାଗରିକ ନୀତି ୨୦୧୬ରେ ସଂଶୋଧନ କରାଯିବ । ରାଜ୍ୟ ସରକାର ଏନେଇ ବିଚାର କରୁଥିବା ଜଣାପଡିଛି । ସୂଚନା ଅନୁଯାୟୀ ୨୦୩୬ ମସିହା ବେଳକୁ ରାଜ୍ୟରେ ୬୦ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଥିବାରୁ ରାଜ୍ୟ ସରକାର ସେମାନଙ୍କ ବହୁବିଧ ଉନ୍ନତି ନିମନ୍ତେ ନୂଆ ଯୋଜନା ଓ କାର୍ଯ୍ୟକ୍ରମ ପ୍ରଣୟନ କରିବା ବିଷୟ ବିଚାର କରୁଛନ୍ତି । ରାଜ୍ୟ ସାମାଜିକ ସଶକ୍ତିକରଣ ବିଭାଗ ପକ୍ଷରୁ ୧୧ଟି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ତଥା କମିଶନର ମାନଙ୍କୁ ଚିଠି ଲେଖାଯାଇଛି । ବିସ୍ତୃତ ରିପୋର୍ଟ ମିଳିବା ପରେ ଏହାର ଅନୁଧ୍ୟାନ କରାଯିବ ବୋଲି ଜଣାପଡିଛି ।

## ସ୍ୱଟ୍ ଆବେଦନ-ବିଜ୍ଞପ୍ତି ପ୍ରକାଶ

ରାଜ୍ୟର ଉଚ୍ଚତର ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପୂରଣ ହୋଇନଥିବା +୩, ସ୍ନାତକୋତ୍ତର, ବିଏଡ୍ ଏବଂ ଏମ୍ଏଡ୍ ଆସନ ନିମନ୍ତେ ସ୍ୱଟ୍ ଆବେଦନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଆଶାୟୀ ଛାତ୍ରଛାତ୍ରୀମାନେ ଚଳିତମାସ

୧୧ରୁ ୧୫ ତାରିଖ ମଧ୍ୟରେ ସାମ୍ସ ପୋର୍ଟାଲରେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ । ୧୯ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ ଏବଂ ୨୧ ତାରିଖରେ ନାମଲେଖା ଅନୁଷ୍ଠିତ ହେବ ।

## +୨ ପରୀକ୍ଷା କେନ୍ଦ୍ର ଚୂଡାନ୍ତ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ହେବାକୁ ଥିବା +୨ ପରୀକ୍ଷା ପାଇଁ ୧ହଜାର ୨୭୦ଟି ପରୀକ୍ଷା କେନ୍ଦ୍ର ଚୂଡାନ୍ତ ହୋଇଛି । +୨ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାରେ ୪ଲକ୍ଷ ୫ହଜାର ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବାବେଳେ ଗତବର୍ଷ ତୁଳନାରେ ୩୦ଜହାର ଅଧିକ ପରୀକ୍ଷାର୍ଥୀ ରହିଥିବା ଜଣାପଡିଛି । ଚଳିତଥର ପରୀକ୍ଷାଫଳ ଶୀଘ୍ର ପ୍ରକାଶ କରିବା ପାଇଁ ପ୍ରାକ୍ଟିକାଲ ମାର୍କ ସାମ୍ସ ୱେବ୍‌ସାଇଟ୍‌ରେ ଦାଖଲ କରାଯିବ ବୋଲି ପରିଷଦ ପକ୍ଷରୁ ସୂଚନା ମିଳିଛି । ଆସନ୍ତାବର୍ଷ ଫେବୃୟାରୀ ୧୪ରୁ ମାର୍ଚ୍ଚ ୨୦ ମଧ୍ୟରେ +୨ ପରୀକ୍ଷା କରିବାକୁ ପରିଷଦ ଲକ୍ଷ୍ୟ ରଖିଥିବା ପରୀକ୍ଷା ନିୟନ୍ତ୍ରକ କହିଛନ୍ତି ।

## ଆଳୁ ବିହନ

ରାଜ୍ୟରେ ଆଳୁ ଉତ୍ପାଦନ ବୃଦ୍ଧି ଉଦ୍ଦେଶ୍ୟରେ କୃଷି ବିଭାଗ ପକ୍ଷରୁ ଚଳିତମାସ ପ୍ରଥମ ସପ୍ତାହ ସୁଦ୍ଧା ୩୦ଟି ଜିଲ୍ଲାରେ ଚାଷୀମାନଙ୍କୁ ୫୩ହଜାର ୫୦୮ କ୍ୱିଣ୍ଟାଲ ଆଳୁ ବିହନ ଯୋଗାଇ ଦିଆଯାଇଛି । ସୂଚନା ଅନୁଯାୟୀ ଅନୁଗୁଳ ଜିଲ୍ଲାକୁ ୩ହଜାର ୭୩୫ କ୍ୱିଣ୍ଟାଲ ଆଳୁ ବିହନ

ଯୋଗାଇ ଦିଆଯାଇଥିବାବେଳେ ବରଗଡକୁ ୩ହଜାର ୧୦୫ କ୍ୱିଣ୍ଟାଲ ଆଳୁ ବିହନ ଯୋଗାଇ ଦିଆଯାଇଛି । ରାଜ୍ୟ ସରକାର ଆଳୁ ମିଶନ ବଦଳରେ ଚାଷୀଙ୍କୁ ସୁଲଭ ମୂଲ୍ୟରେ ଆଳୁ ବିହନ ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି ।

## ଧବଳେଶ୍ୱର-ଭାରିଯାନ କଟକଣା

କଟକ ଜିଲ୍ଲା ଗୁରୁଡିଝାଟିଆ ଥାନା ଅଧିନସ୍ଥ ଧବଳେଶ୍ୱର ଶୈବପୀଠରେ ଆସନ୍ତା ୧୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ପଞ୍ଚୁକ ଓ ବଡଓଷା ପାଳନ କରାଯିବ । ବିଭିନ୍ନ ଜିଲ୍ଲାରୁ ବହୁସଂଖ୍ୟକ ଶ୍ରଦ୍ଧାଳୁ ଧବଳେଶ୍ୱର ଆସିବାକୁ ଥିବାରୁ ମହାନଦୀ ଉପରେ ଥିବା ମଧୁସୂଦନ ସେତୁରେ ଭାରିଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି । କଟକରୁ ମଧୁସୂଦନ ସେତୁ ଦେଇ ଆଠଗଡ ଯାଉଥିବା ଭାରିଯାନ ଗୁଡ଼ିକ ନୂଆପାଟଣା ଛକଠାରୁ ୫୫ ନମ୍ବର ଜାତୀୟ ରାଜପଥ ଦେଇ ଯିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି ।

## ୯୦ ତମ ଅଧିବେଶନ

ଭାରତୀୟ ବିଜ୍ଞାନ ଏକାଡେମୀର ୯୦ତମ ଅଧିବେଶନ ନାଇଜରସ୍ଥିତ ପଠାଣିସାମନ୍ତ ପ୍ରେକ୍ଷାଳୟରେ ଉଦ୍‌ଘାଟିତ ହୋଇଛି । ବିଜ୍ଞାନ ଏକାଡେମୀ ସଭାପତି ପ୍ରଫେସର ଉମେଶ ଭି ୱାଗମାରେଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ପ୍ରମୁଖ ବିଜ୍ଞାନ ପରାମର୍ଶଦାତା

ପ୍ରଫେସର ଅଜୟ କୁମାର ସୁଦ୍ ଯୋଗଦେଇ ଦେଶର ବିଜ୍ଞାନ ବିକାଶରେ ଭାରତୀୟ ବିଜ୍ଞାନ ଏକାଡେମୀର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ ।

## ଗଞ୍ଜାମ ସମୀକ୍ଷା

ଗଞ୍ଜାମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଖାଦ୍ୟଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଭାଗୀୟ ସମୀକ୍ଷା କରିଛନ୍ତି । ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ରକହିଛନ୍ତି । ଜିଲ୍ଲାରେ ଖୋଲାଯାଇଥିବା ଧାନମଣ୍ଡି ଗୁଡ଼ିକରେ ଚାଷୀମାନେ ଯେଭଳି ସମସ୍ତ ସୁବିଧାସୁଯୋଗ ପାଇପାରିବେ ସେ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଥିଲେ । ସମୀକ୍ଷା ବୈଠକରେ ବାଣିଜ୍ୟ ଓ ପରିବହିନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗ ଦେଇଥିଲେ ।

## ପ୍ରାଣୀ ସମ୍ପଦ ମେଳା

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଷ୍ଟାଡିୟମଠାରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାକୁ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ଘାଟନ କରିଛନ୍ତି । ସ୍ୱତନ୍ତ୍ର ଓଡ଼ିଆ ପ୍ରଦେଶ ଗଠନ କରିବା କ୍ଷେତ୍ରରେ ଗଜପତି ମହାରାଜାଙ୍କ ମୁଖ୍ୟ ଭୂମିକା ରହିଥିବାରୁ ଏହି ଜିଲ୍ଲାରୁ ମେଳା ଆରମ୍ଭ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି । ଏହି ଅବସରରେ ଜିଲ୍ଲାର ୭ଜଣ ମତ୍ସ୍ୟଚାଷୀଙ୍କୁ ମାଛଧରା

ଜାଲ ଓ ବାସ୍କେଟ ପ୍ରଦାନ କରାଯାଇଥିଲା । ମେଳାରେ ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ, ପଶୁସମ୍ପଦ, ମତ୍ସ୍ୟବିଭାଗ, ମିଶନଶକ୍ତି, କୃଷିବଭାଗ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ୨୫ଟି ଷ୍ଟଲ ଖୋଲାଯାଇ ଚାଷୀମାନଙ୍କୁ ସଚେତନ କରାଯାଉଛି । ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ ଦାଶରଥୀ ଗମାଙ୍ଗ ଓ ରୂପେଶ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ ।